# NATIONAL NEWS BULLETIN (ODIA)

## 17 February-2025

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ବୟନ ରପ୍ତାନୀକୁ ୨୦୩୦ ସୁଦ୍ଧା ୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯିବ, କହିଲେ ପ୍ରଧାନମନ୍ତ୍ରୀ ।
- ଭାରତ ମହାସାଗର ସମ୍ମିଳନୀ ଅବସରରେ ମସ୍କଟ୍ ଠାରେ ବିଭିନ୍ନ ଦେଶର ପ୍ରତିପକ୍ଷଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସାକ୍ଷାତ ଆଲୋଚନା ।
- ଭାରତ-ବାଂଲାଦେଶ ମଧ୍ୟରେ ଆଜି ଅନୁଷ୍ଠିତ ହେବ ୫୫ତମ ସୀମା ସୁରକ୍ଷା ମହାନିର୍ଦ୍ଦେଶକ ସ୍ତରୀୟ ସମ୍ମିଳନୀ ।
- ଓଡ଼ିଶା ବିଧାନସଭାରେ ଆସନ୍ତା ଆର୍ଥିକ ବର୍ଷ ଲାଗି ଆଜି ବଜେଟ୍ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ ପ୍ରତିଯୋଗିତାରେ ୟୁ.ପି. ୱାରିୟର୍ସ୍‌କୁ ୬ ୱିକେଟ୍‌ରେ ପରାସ୍ତ କଲା ଗୁଜରାଟ୍ ଜ୍ୟାଣ୍ଟସ୍ ।

# ପିଏମ୍-ଭାରତ ଟେକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବୟନ ରପ୍ତାନୀକୁ ଆସନ୍ତା ୨୦୩୦ ସୁଦ୍ଧା ୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜିତ **ଭାରତ ଟେକ୍ସ-୨୦୨୫** କାର୍ଯ୍ୟକ୍ରମରେ ଗତକାଲି ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଗତବର୍ଷ ଦେଶର ବୟନ ପୋଷାକ ରପ୍ତାନୀରେ ୭ ପ୍ରତିଶତ ଅଭିବୃଦ୍ଧି ଘଟିଛି ।

ତେବେ ବୟନ ରପ୍ତାନୀ ୩ ଲକ୍ଷ କୋଟି ଟଙ୍କା ହୋଇଛି । ଉଚ୍ଚମାନର କାର୍ବନ ଫାଇବର ଉତ୍ପାଦନ ଦିଗରେ ଭାରତ ଅଗ୍ରଗତି କରୁଛି ବୋଲି ସେ କହିଛନ୍ତି । ସେ କହିଚନ୍ତି, ବୟନ ଶିଳ୍ପ କ୍ଷେତ୍ର ପାଇଁ ଦକ୍ଷ ପ୍ରତିଭା ସୃଷ୍ଟି କରିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଭାରତର ସାଂସ୍କୃତିକ ବିବିଧତା ଦେଶର ବିଭିନ୍ନ ପ୍ରାନ୍ତରୁ ଉତ୍ପନ୍ନ ହେଉଥିବା ବୟନ ଶିଳ୍ପରେ ପ୍ରତିଫଳିତ ହେଉଛି । ହସ୍ତତନ୍ତ କାରିଗରଙ୍କ ଦକ୍ଷତା ବିଶ୍ୱସ୍ତରରେ ପହଞ୍ଚାଇବା ସହ ସେମାନଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ହସ୍ତତନ୍ତକୁ ପ୍ରୋତ୍ସାହନ ଦେବା ପାଇଁ ଗତ ୧୦ ବର୍ଷ ମଧ୍ୟରେ ୨ହଜାର ୪୦୦ରୁ ଅଧିକ

ବ୍ୟାବସାୟିକ ମେଳା ଆୟୋଜନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

**V/O**

ପ୍ରଧାନମନ୍ତ୍ରୀ ପ୍ରଦର୍ଶନୀ ଅଞ୍ଚଳ ପରିଦର୍ଶନ କରିବା ସହିତ ପ୍ରଦର୍ଶକଙ୍କ ସହ ମତବିନିମୟ କରିଥିଲେ । ଭାରତ ଟେକ୍ସ ୨୦୨୫ ହେଉଛି ଏକ ବୃହତ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ । କଞ୍ଚାମାଲ ଠାରୁ ଆରମ୍ଭ କରି ସାମଗ୍ରୀ ପ୍ରସ୍ତୁତି ପର୍ଯ୍ୟନ୍ତ ସମଗ୍ର ଟେକ୍ସଟାଇଲ୍ କ୍ଷେତ୍ରକୁ ଏହି ସମ୍ମିଳନୀରେ ଏକାଠି କରାଯାଇଛି । ଏହି ସମ୍ମିଳନୀ ଆଜି ଉଦ୍‌ଯାପିତ ହେବ ।

## ଉପରାଷ୍ଟ୍ରପତି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଦିନିକିଆ ପଞ୍ଜାବ ଗସ୍ତରେ ଯିବେ । ମୋହାଲି ସ୍ଥିତ ନ୍ୟାସନାଲ୍ ଆଗ୍ରି ଫୁଡ୍ ଆଣ୍ଡ ବାୟୋ ମାନୁଫ୍ୟାକ୍‌ଚରିଂ ପ୍ରତିଷ୍ଠାନର ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେବେ । ଏହି ଅବସରରେ ଭାରତୀୟ ବିଜ୍ଞାନୀ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଜୟଶଙ୍କର

ଓମାନ୍‌ର ରାଜଧାନୀ ମସ୍କଟ୍‌ରେ ଭାରତ ମହାସାଗର ସମ୍ମିଳନୀ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର' ମରିସସ୍, ମାଳଦ୍ୱୀପ, ନେପାଳ, ଭୁଟାନ୍ ଏବଂ ଶ୍ରୀଲଙ୍କା ପ୍ରତିପକ୍ଷଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ମରିସସ୍ ପ୍ରତିପକ୍ଷ ଧନଞ୍ଜୟ ରିତିଶ ରାମ୍ଫୁଲ୍‌ଙ୍କ ସହ ଆଲୋଚନା ବେଳେ ଡକ୍ଟର ଜୟଶଙ୍କର ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ଗୁରୁତ୍ୱ ଦେଇଥିଲେ । ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ସାକ୍ଷାତ ଆଲୋଚନା ଥିଲା ।

ମାଳଦ୍ୱୀପର ବୈଦେଶିକ ମନ୍ତ୍ରୀ ଅବଦୁଲ୍ଲା ଖଲିଲ୍‌ଙ୍କ ସହ ସାକ୍ଷାତ ବେଳେ ଉଭୟ ନେତା ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିଥିଲେ । ଶ୍ରୀଲଙ୍କା ପ୍ରତିପକ୍ଷ ବିଜିତା ହେରାତଙ୍କ ସହ ଡକ୍ଟର ଜୟଶଙ୍କର ବ୍ୟାପକ ଦ୍ୱିପାକ୍ଷିକ ସହଯୋଗ ଉପରେ ଆଲୋଚନା କରିଥିଲେ । ଶ୍ରୀଲଙ୍କାର ଅର୍ଥନୈତିକ ପୁନରୁଦ୍ଧାର ଏବଂ ପ୍ରଗତି ପାଇଁ ଭାରତର ପ୍ରତିବଦ୍ଧତା ଉପରେ ଡକ୍ଟର ଜୟଶଙ୍କର ଆଲୋକପାତ କରିଥିଲେ । ଏହି ସମ୍ମିଳନୀ ଅବସରରେ ଡକ୍ଟର ଜୟଶଙ୍କର ଓମାନ୍, ବ୍ରୁନେଇ ଏବଂ ଇରାନ୍ ପ୍ରତିପକ୍ଷଙ୍କୁ ମଧ୍ୟ ସାକ୍ଷାତ ଆଲୋଚନା କରିଥିଲେ ।

ବାଂଲାଦେଶ ବୈଦେଶିକ ବ୍ୟାପାର ପରାମର୍ଶଦାତା ମହମ୍ମଦ ତୌହିଦ୍ ହୁସେନ୍‌ଙ୍କ ସହ ମଧ୍ୟ ଡକ୍ଟର ଜୟଶଙ୍କର ଆଲୋଚନା ବୈଠକରେ ଯୋଗ ଦେଇଥିଲେ । ଇଣ୍ଡିଆ ଫାଉଣ୍ଡେସନ୍ ଏବଂ ଓମାନ୍‌ର ବୈଦେଶିକ ବ୍ୟାପାର

ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ ଅଷ୍ଟମ ଭାରତ ମହାସାଗର ସମ୍ମିଳନୀ ଗତକାଲି ଠାରୁ ମସ୍କଟ୍ ଠାରେ ଆରମ୍ଭ ହୋଇଛି ।

## ବିଏସ୍ଏଫ୍- ବିଜିବି କନ୍ଫରେନ୍ସ

ଭାରତୀୟ ସୀମା ସୁରକ୍ଷା ବଳ ଏବଂ ବାଂଲାଦେଶ ସୀମା ସୁରକ୍ଷା ବାହିନୀ ମଧ୍ୟରେ ୫୫ତମ ମହାନିର୍ଦ୍ଦେଶକ ସ୍ତରୀୟ ସମ୍ମିଳନୀ ଆଜିଠାରୁ ଆରମ୍ଭ ହେଉଛି । ବି.ଏସ୍.ଏଫ୍. ଦ୍ୱାରା ଆୟୋଜିତ ଏହି ସମ୍ମିଳନୀ ଦିଲ୍ଲୀଠାରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ବି.ଏସ୍.ଏଫ୍. ମହାନିର୍ଦ୍ଦେଶକ ଦଲ୍ଜିତ ସିଂହ ଚୌଧୁରୀଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ମଣ୍ଡଳୀ ଏବଂ ବି.ଜି.ବି.ର ମହାନିର୍ଦ୍ଦେଶକ ମେଜର ଜେନେରାଲ୍ ମହମ୍ମଦ ଅଶରଫୁଜ୍ମାନ୍ ସିଦ୍ଦିକିଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ଏଥିରେ ଅଂଶଗ୍ରହଣ କରୁଛନ୍ତି । ସୀମା ସମ୍ବନ୍ଧୀୟ ପ୍ରସଙ୍ଗ ତଥା ଦୁଇ ଦେଶ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ନେଇ ସମ୍ମିଳନୀରେ ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା ହେବ । ସୀମାପାର ଅପରାଧକୁ ରୋକିବା ପାଇଁ ଦ୍ୱିପକ୍ଷ ମଧ୍ୟରେ ମତବିନିମୟ ହେବ ବୋଲି ଜଣାପଡ଼ିଛି ।

# ଓଡ଼ିଶା ବଜେଟ୍

ସପ୍ତଦଶ ଓଡ଼ିଶା ବିଧାନସଭା ଅଧିବେଶନରେ ଆଜି ୨୦୨୫-୨୬ ଆର୍ଥିକବର୍ଷ ଲାଗି ବଜେଟ୍ ଉପସ୍ଥାପନ କରାଯିବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ଥର ପାଇଁ ବଜେଟ୍ ଉପସ୍ଥାପନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ୨୦୩୬ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ନେଇ ବଜେଟ୍‌ରେ ବିଭିନ୍ନ କ୍ଷେତ୍ରରେ ଉପରେ ସରକାରଙ୍କ ଆଭିମୁଖ୍ୟ ଏବଂ ପର୍ଯ୍ୟାପ୍ତ ଅର୍ଥ ବରାଦ ହେବାର ଆଶା କରାଯାଉଛି ।

ଏହା ପୂର୍ବରୁ ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୨୪-୨୫ ପ୍ରକାଶ ପାଇଛି। ସର୍ଭେ ରିପୋର୍ଟରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ଜାତୀୟ ହାର ତୁଳନାରେ ଅଧିକ ରହିଥିବା ଦର୍ଶାଯାଇଛି।

# ଆସାମ-ବଜେଟ୍

ଆସାମର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ପ୍ରଥମଥର ପାଇଁ ଏହି ଅଧିବେଶନ କୋକ୍ରାଝରଠାରେ ବସିବ । ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା କହିଛନ୍ତି, କୋକ୍ରାଝରଠାରେ ବିଧାନସଭା ଅଧିବେଶନ ବସିବା ରାଜ୍ୟରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ବାତାବରଣକୁ ପ୍ରତିଫଳନ

କରୁଛି । ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ତାଙ୍କର ଅଭିଭାଷଣ ପ୍ରଦାନ କରିବେ । ତେବେ ଅଧିବେଶନର ପରବର୍ତ୍ତୀ ବୈଠକ ଗୌହାଟୀଠାରେ ବସିବ ବୋଲି ସେ ସୂଚନା ଦେଇଛନ୍ତି । ବଜେଟ୍ ଅଧିବେଶନ ଆସନ୍ତା ମାସ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଗୋଲ୍ଡ ମାଇନ୍ସ ଆକ୍ସିଡେଣ୍ଟ

ମାଲି ସୁନାଖଣି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୪୮କୁ ବୃଦ୍ଧି ପାଇଛି । ବହୁ ଲୋକ ଏଥିରେ ଆହତ ହୋଇଥିବା ଜଣାପଡ଼ିଛି । ସ୍ଥାନୀୟ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟି ବେଆଇନ୍ ଖଣି ଖନନ ଯୋଗୁଁ ନିୟମିତ ଭାବେ ଏଭଳି ଦୁର୍ଘଟଣାମାନ ଘଟୁଛି ।

ପୂର୍ବରୁ ଚୀନ କମ୍ପାନୀ ଦ୍ୱାରା ପରିଚାଳିତ ସେହି ଖଣିର ବୈଧତା ନେଇ ଯାଞ୍ଚ୍ ଚାଲିଥିବା ସେହି ଅଧିକାରୀ ସୂଚନା ଦେଇଛନ୍ତି । ମାଲିରେ ଚଳିତ ବର୍ଷ ଏହା ଦ୍ୱିତୀୟ ଖଣି ଦୁର୍ଘଟଣା । ଗତମାସରେ କୁଲିକୋରୋ ଅଞ୍ଚଳର ଏକ ଖଣିରେ ଭୂସ୍ଖଳନ ଘଟି ନାବାଳକଙ୍କ ସମେତ ବହୁ ଲୋକଙ୍କର ମୃତ୍ୟୁ ହୋଇଥିଲା । ମାଲି ଆଫ୍ରିକାର ଅନ୍ୟତମ ଶ୍ରେଷ୍ଠ ସୁନା ଉତ୍ପାଦନକାରୀ ରାଷ୍ଟ୍ର ।

## ସ୍ପେସାଲ୍ ଟ୍ରେନ୍

ଯାତ୍ରୀଙ୍କ ସୁବିଧା ଏବଂ ମହାକୁମ୍ଭ ମେଳା ଅବସରରେ ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ଉତ୍ତର ରେଳବାଇ ପକ୍ଷରୁ ୪ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି । ଦିଲ୍ଲୀରୁ ପ୍ରୟାଗରାଜ ପର୍ଯ୍ୟନ୍ତ ଏହି ଟ୍ରେନ୍ ଗୁଡ଼ିକ ଗତକାଲି ଠାରୁ ଚଳାଚଳ କରୁଛି । ଉତ୍ତର ରେଳବାଇର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ହିମାଂସୁ ଶେଖର ଉପାଧ୍ୟାୟ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଟ୍ରେନ୍ ଗୁଡ଼ିକର ଦିଲ୍ଲୀରୁ ପ୍ରସ୍ଥାନ ସମୟ ଅପରାହ୍ଣ ୩ଟାରୁ ରାତି ୯ଟା ମଧ୍ୟରେ ଧାର୍ଯ୍ୟ ହୋଇଛି । ମହାକୁମ୍ଭ ମେଳାକୁ ଯାତ୍ରା କରୁଥିବା ଶ୍ରଦ୍ଧାଳୁଙ୍କର ସୁବିଧା ପାଇଁ ଆଜିଠାରୁ ୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ସେ ସୂଚନା ଦେଇଛନ୍ତି ।

## ଇମାନୁଏଲ୍ ମାକ୍ରୋନ୍

ୟୁକ୍ରେନ୍ ସଂଘର୍ଷ ଉପରେ ଏକ ଜରୁରୀକାଳୀନ ଆଲୋଚନା ବୈଠକ ଆଜି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଆହ୍ୱାନ ଦେଇଛନ୍ତି । ୟୁକ୍ରେନ୍ ସଂଘର୍ଷକୁ ନେଇ କୌଣସି ପ୍ରକାର ଆଲୋଚନାରେ ୟୁରୋପର କିଛି ଭୂମିକା ରହିବ ନାହିଁ ବୋଲି ଆମେରିକୀୟ ଅଧିକାରୀଙ୍କ ଘୋଷଣା ପରେ ଫ୍ରାନ୍ସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଫ୍ରାନ୍ସ ରାଷ୍ଟ୍ରପତି କହିଛନ୍ତି, ୟୁକ୍ରେନ୍ ପରିସ୍ଥିତି ନେଇ ଆମେରିକାର ଆଭିମୁଖ୍ୟରେ ପରିବର୍ତ୍ତନ

ପରିପ୍ରେକ୍ଷୀରେ ଏହି ପରାମର୍ଶ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ, ଜର୍ମାନ ଚାନ୍ସେଲର୍, ପୋଲାଣ୍ଡ ପ୍ରଧାନମନ୍ତ୍ରୀ, ନାଟୋ ମହାସଚିବ, ଇଟାଲୀ ପ୍ରଧାନମନ୍ତ୍ରୀ ଏବଂ ୟୁରୋପ ସଂଘର ପ୍ରତିନିଧି ପ୍ରମୁଖ ଯୋଗଦେବେ ।

## ମହିଳା-କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ ୨୦୨୫ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ଗୁଜରାଟ୍ ଜ୍ୟାଣ୍ଟସ୍ ବିଜୟୀ ହୋଇଛି । ବଦୋଦରାର କୋଟାମ୍ବି ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଗୁଜରାଟ ୬ ୱିକେଟ୍‌ରେ ୟୁ.ପି. ୱାରିୟର୍ସ୍‌କୁ ପରାସ୍ତ କରିଛି । ଟସ୍ ଜିତି ଗୁଜରାଟ ଜ୍ୟାଣ୍ଟସ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୟୁ.ପି. ୱାରିୟର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୪୩ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଦୀପ୍ତି ଶର୍ମା ସର୍ବାଧିକ ୩୯ରନ୍ ସଂଗ୍ରହ କରିଥିଲେ । ୧୪୪ରନ୍‌ର ବିଜୟ ଲକ୍ଷ୍ୟକୁ ଗୁଜରାଟ ଜ୍ୟାଣ୍ଟସ୍ ୧୮ ଓଭରରେ ୪ ୱିକେଟ୍ ବିନିମୟରେ ହାସଲ କରିଥିଲା ।

ବଦୋଦରା ଠାରେ ଆଜି ସନ୍ଧ୍ୟା ସାଢ଼େ ସାତଟାରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ହେବ ।

## ଏଫ୍‌ଆଇଏଚ୍-ହକି

ଏଫ୍.ଆଇ.ଏଚ୍. ପ୍ରୋ ହକି ଲିଗ୍ ପ୍ରତିଯୋଗିତାରେ ପୁରୁଷ ବର୍ଗର ଗତକାଲିର ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ସ୍ପେନ୍‌କୁ ୨-୦ ଗୋଲ୍‌ରେ ପରାସ୍ତ କରିଛି ।

ସେହିଭଳି ମହିଳା ବର୍ଗ ମ୍ୟାଚ୍‌ରେ ଇଂଲଣ୍ଡ ଭାରତକୁ ପରାସ୍ତ କରିଛି । ଭୁବନେଶ୍ୱରରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ପେନାଲ୍ଟି ସୁଟ୍‌ଆଉଟ୍‌ରେ ଭାରତକୁ ହରାଇ ଦେଇଛି । ଆସନ୍ତାକାଲି ଭାରତ ସ୍ପେନ୍ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ ।

## ଆଇପିଏଲ୍-୨୦୨୫

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ – ଆଇ.ପି.ଏଲ୍. ୨୦୨୫ ଟୁର୍ଣ୍ଣାମେଣ୍ଟ ଆସନ୍ତା ମାସ ୨୨ ତାରିଖରୁ ଆରମ୍ଭ ହେବ । ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ କହିଛି, ଏହା

ହେବ ପୁରୁଷ ଆଇ.ପି.ଏଲ୍.ର ୧୮ତମ ସଂସ୍କରଣ । ଏହି ଟି-ଟ୍ୱେଣ୍ଟି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ କୋଲକତାର ଇଡେନ୍‌ଗାର୍ଡେନ୍ ଷ୍ଟାଡିୟମ୍ ଠାରେ କୋଲକାତା ନାଇଟ୍ ରାଇର୍ଡସ୍ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ । ଚଳିତ ବର୍ଷ ଆଇ.ପି.ଏଲ୍.ରେ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି । ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଗ୍ରୁପ୍-ଏରେ ଚେନ୍ନାଇ ସୁପରକିଙ୍ଗସ୍, ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗସ୍ ଏବଂ କୋଲକାତା ନାଇଟ୍ ରାଇଡର୍ସ୍ ସ୍ଥାନିତ ହୋଇଛନ୍ତି । ସେହିଭଳି ମୁମ୍ବାଇ ଇଣ୍ଡିଆନ୍ସ, ଗୁଜରାଟ ଟାଇଟନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଗ୍ରୁପ୍-ବିରେ ରହିଛନ୍ତି ।